# NATIONAL NEWS BULLETIN (ODIA)

## 2 October - 2025

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଦେଶ
- ସାରା ଦେଶରେ ଆଜି ପାଳନ କରାଯାଉଛି ବିଜୟା ଦଶମୀ ପର୍ବ
- ୩ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି ସହ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଓ ଡାଲି ଆତ୍ମନିର୍ଭରତା ମିଶନକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି

ଏବଂ

- ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବ୍ୟାଟ୍ସମ୍ୟାନ୍ ବର୍ଗରେ ପ୍ରଥମ ସ୍ଥାନକୁ ଉନ୍ନୀତ ହେଲେ ଭାରତୀୟ ବ୍ୟାଟ୍ସମ୍ୟାନ୍ ଅଭିଷେକ ଶର୍ମା

# ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଦେଶ ଆଜି ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଗାନ୍ଧୀ ଜୟନ୍ତୀ ଅବସରରେ ଦେଶ ଏବଂ ବିଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଦିଲ୍ଲୀର ରାଜଘାଟରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜନ୍ମବାର୍ଷିକୀରେ ମଧ୍ୟ ଦେଶବ୍ୟାପୀ ସଭାସମିତିମାନ ଆୟୋଜନ କରାଯାଉଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୬ ତମ ଜନ୍ମବାର୍ଷିକୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଜାତିର ପିତାଙ୍କ ଆଦର୍ଶ ଏବଂ ମୂଲ୍ୟବୋଧକୁ ସମର୍ପଣ କରିବାର ଏହା ଏକ ନିଆରା ଅବସର। ଶ୍ରୀମତୀ ମୁର୍ମୁ କହିଛନ୍ତି, ମହାତ୍ମା ଗାନ୍ଧୀ ସମଗ୍ର ମାନବ ଜାତିକୁ ସହନଶୀଳତା, ଶାନ୍ତି ଏବଂ ସତ୍ୟର ବାର୍ତ୍ତା ଦେଇଛନ୍ତି। ରାଷ୍ଟ୍ରପତି' ମହାତ୍ମା ଗାନ୍ଧୀଙ୍କୁ ମାନବଜାତି ପାଇଁ ପ୍ରେରଣା ବୋଲି କହିବା ସହ ସେ ଅସ୍ପୃଶ୍ୟତା, ନିରକ୍ଷରତା, ନିଶା ଏବଂ ଅନ୍ୟାନ୍ୟ ସାମାଜିକ କୁପ୍ରଥା ଦୂର କରିବା ପାଇଁ ତାଙ୍କ ଜୀବନ ଉତ୍ସର୍ଗ

କରିଥିଲେ ବୋଲି କହିଛନ୍ତି । ମହାତ୍ମା ଗାନ୍ଧୀ ସମାଜର ଦୁର୍ବଳ ବର୍ଗଙ୍କୁ ଶକ୍ତି ଓ ସମର୍ଥନ ପ୍ରଦାନ କରିଥିଲେ । ରାଷ୍ଟ୍ରପତି କହିଛନ୍ତି, ମହାତ୍ମା ଗାନ୍ଧୀ ଏକ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ଏବଂ ଶିକ୍ଷିତ ଭାରତ ଗଠନ କରିବା ଲକ୍ଷ୍ୟରେ ଚରଖା ମାଧ୍ୟମରେ ଆତ୍ମନିର୍ଭରଶୀଳତାର ବାର୍ତ୍ତା ଦେଇଥିଲେ । ଆଜିର ଦିନରେ ସତ୍ୟ ଏବଂ ଅହିଂସାର ପଥ ଅନୁସରଣ କରିବାକୁ ସଂକଳ୍ପ ନେବା ସହ ଦେଶର କଲ୍ୟାଣ ଏବଂ ପ୍ରତିବଦ୍ଧ ରହିବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ ଗୁଜୁରାଟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ପୋର୍ ବନ୍ଦରରେ ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ କୀର୍ତ୍ତି ମନ୍ଦିରରେ  ପ୍ରାର୍ଥନା ସଭାରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଯୋଗଦେବା ସହ ଆଜି ସକାଳେ ଅହମଦାବାଦର ସାବରମତି ଆଶ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇଛି । ଜିଲ୍ଲାର ସମସ୍ତ ସ୍କୁଲ ଏବଂ କଲେଜରେ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଉପରେ ଆଲୋଚନା କାର୍ଯ୍ୟକ୍ରମମାନ ରଖାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି ।

ଗାନ୍ଧିବାଦୀ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ଖଦି ଦୋକାନ ଗୁଡ଼ିକରେ ଗ୍ରାମୀଣ କାରୀଗରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଚରଖାର ଭାବନାକୁ ଆଗକୁ ନେବା ଲାଗି ସ୍ୱତନ୍ତ୍ର ରିହାତି ପ୍ରଦାନ

କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ **'ଭୋକାଲ ଫର୍ ଲୋକାଲ'** ଏବଂ **'ହର୍ ଘର୍ ସ୍ୱଦେଶୀ– ଘର୍ ଘର୍ ସ୍ୱଦେଶୀ'** ଆହ୍ୱାନ ଅନୁଯାୟୀ ଗୁଜରାଟ ସରକାର ଆଜିଠାରୁ ଖଦୀ ଏବଂ ହସ୍ତତନ୍ତ ଉତ୍ପାଦ ଉପରେ ଡିସେମ୍ବର ୩୧ ପର୍ଯ୍ୟନ୍ତ ୩୦ ପ୍ରତିଶତ ରିହାତି ଘୋଷଣା କରିଛନ୍ତି।

ଗାନ୍ଧୀ ଜୟନ୍ତୀ ଅବସରରେ ଆମର ପଡ୍ କାଷ୍ଟ ସିରିଜ୍ 'କାହାଣୀ ପଛର ବ୍ୟକ୍ତିତ୍ୱ'ର ଅଂଶଭାବରେ ଆଜି ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଭି.ପି.ଆପୁକୁଟ୍ଟାନ ପୋଡୁଭାଲଙ୍କ ସହ ଏକ ଆଲୋଚନା ପ୍ରସାରଣ କରାଯିବ। ଆଜି ସକାଳ ୯ଟା ୧୦ ମିନିଟ୍‌ରେ ଏବଂ ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ଆକାଶବାଣୀରେ ଏଫ୍.ଏମ୍. ଗୋଲ୍ଡ ଚ୍ୟାନେଲରେ ଏହି ଆଲୋଚନା ପ୍ରସାରଣ କରାଯିବ।

# ପ୍ରେଜ୍– ବିଜୟାଦଶମୀ

ସାରା ଦେଶରେ ଆଜି ବିଜୟାଦଶମୀ ବା ଦଶହରା ପର୍ବ ପାଳନ କରାଯାଉଛି। ଏହି ଦିନଟି ନବରାତ୍ରୀ ଏବଂ ଦୁର୍ଗାପୂଜାର ସମାପ୍ତିକୁ ଦର୍ଶାଇଥାଏ। ମନ୍ଦ ଉପରେ ଭଲର ବିଜୟକୁ ସ୍ମରଣପୂର୍ବକ ଭଗବାନ ରାମଙ୍କ' ରାବଣ ଉପରେ ବିଜୟ ପାଳନ କରାଯାଇଥାଏ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବିଜୟା ଦଶମୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଏହି ପର୍ବ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ଏବଂ ସତ୍ୟ ଓ ନ୍ୟାୟର

ପଥ ଅନୁସରଣ କରିବାକୁ ପ୍ରେରଣା ଦେଇଥାଏ। ଶ୍ରୀମତୀ ମୁର୍ମୁ କହିଛନ୍ତି, ଦେଶର ବିଭିନ୍ନ ସ୍ଥାନରେ ପାଳନ ହେଉଥିବା ରାବଣ ଦହନ ଓ ଦୁର୍ଗାପୂଜା ଜାତୀୟତାର ମୂଲ୍ୟବୋଧକୁ ପ୍ରତିଫଳିତ କରେ। ଏହି ପର୍ବ ସମସ୍ତଙ୍କୁ କ୍ରୋଧ ଏବଂ ଅହଂକାର ଭଳି ନକାରାତ୍ମକ ପ୍ରବୃତ୍ତିକୁ ତ୍ୟାଗ କରିବାକୁ ଶିକ୍ଷା ଦେଇଥାଏ। ରାଷ୍ଟ୍ରପତି ଆଜିର ଦିନରେ ଆଶାପୋଷଣ କରିଛନ୍ତି, ଏହି ପର୍ବ ସମସ୍ତଙ୍କୁ ଗୋଟିଏ ସମାଜ ଏବଂ ଦେଶ ଗଠନ କରିବାକୁ ପ୍ରେରଣା ଦେବା ସହ ସମସ୍ତେ ଯେଭଳି ନ୍ୟାୟ, ସମାନତା ଓ ସଦ୍‌ଭାବର ଚିନ୍ତାଦ୍ୱାରା ଅନୁପ୍ରାଣିତ ହୋଇପାରିବେ, ତାହା ସୁନିଶ୍ଚିତ କରିବା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦିଲ୍ଲୀର ଲାଲକିଲ୍ଲାର ମାଧବଦାସ ପାର୍କରେ ଦଶହରା ଉତ୍ସବରେ ଯୋଗଦେବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଦଶହରା ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି।

# ସେବାପର୍ବ- ମେନ୍ ଷ୍ଟ୍ରିମିଂ ଦିନ ନର୍ଥ ଇଷ୍ଟ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କିଭଳି ମୋଦୀ ସରକାର ଉତ୍ତର-ପୂର୍ବାଞ୍ଚଳକୁ ଦେଶର ବିକାଶର ମୁଖ୍ୟଧାରାରେ

ସାମିଲ କରି ଏହାକୁ ଭାରତର ଅଭିବୃଦ୍ଧିର ଏକ ନୂତନ ଇଞ୍ଜିନ୍‌ରେ ପରିଣତ କରୁଛନ୍ତି।

ଦୂର ସୀମାନ୍ତ ଭାବରେ ଦେଖାଯାଉଥିବା ଦେଶର ଉତ୍ତର-ପୂର୍ବାଞ୍ଚଳ ଏବେ ଶାନ୍ତି, ପ୍ରଗତି ଏବଂ ସମ୍ଭାବନାର ଆଲୋକବର୍ତ୍ତିକା ସାଜିଛି। ଗତ ୧୧ ବର୍ଷ ଧରି ନରେନ୍ଦ୍ର ମୋଦୀଙ୍କ ସରକାର ଅନ୍ତର୍ଭୁକ୍ତୀମୂଳକ ବିକାଶ ଲାଗି ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି। ଐତିହାସିକ ଭାବରେ ଅଣଦେଖା କରାଯାଇ ଆସୁଥିବା ଉତ୍ତର-ପୂର୍ବାଞ୍ଚଳର ରାଜ୍ୟଗୁଡ଼ିକର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ, ସେଗୁଡ଼ିକୁ ଯେଉଁଭଳି ବିକାଶର ମୁଖ୍ୟଧାରାରେ ସାମିଲ କରାଯାଇପାରିବ, ସେ ନେଇ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରାଯାଇଛି।

ଚଳିତ ବର୍ଷ ମାର୍ଚ୍ଚ ୨୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ 'ରାଇଜିଂ ନର୍ଥ ଇଷ୍ଟ ନିବେଶକ ସମ୍ମିଳନୀ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ଦିଗରେ ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

**V/O-PM Modi–North East**

ନରେନ୍ଦ୍ର ମୋଦୀ ସରକାର ଲୁକ୍ ଇଷ୍ଟ ନୀତିକୁ ଆକ୍ଟ ଇଷ୍ଟ' ନୀତିରେ ପରିବର୍ତ୍ତନ କରି ଏବେ ଏହାକୁ ଉତ୍ତର-ପୂର୍ବାଞ୍ଚଳ ପାଇଁ ପ୍ରଥମ ଏବଂ ତ୍ୱରିତ ନୀତି ଭାବେ ପରିବର୍ତ୍ତନ କରିଛନ୍ତି। ୨୦୧୪-୧୫ ମସିହାରୁ ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ବଜେଟ୍ ଆବଣ୍ଟନ  ୨ହଜାର ୩୩୩ କୋଟି

ଟଙ୍କାରୁ ଅଢ଼େଇ ଗୁଣ ବୃଦ୍ଧି କରାଯାଇ ୨୦୨୪-୨୫ରେ ୫ ହଜାର ୯୦୦ କୋଟି ଟଙ୍କା କରାଯାଇଛି। କେନ୍ଦ୍ର ସରକାର ଉତ୍ତର ପୂର୍ବାଞ୍ଚଳରେ ଶିଳ୍ପ ବିକାଶ ପାଇଁ ଉତ୍ତର ପୂର୍ବ ପରିବର୍ତ୍ତନଶୀଳ ଶିଳ୍ପାୟନ ଯୋଜନା ଉନ୍ନତି-୨୦୨୫ କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ମାଧ୍ୟମରେ ଯେଉଁଭଳି ଉତ୍ତର ପୂର୍ବାଞ୍ଚଳକୁ ଦେଶର ଅନ୍ୟ ବିକଶିତ ରାଜ୍ୟ ସହ ସମକକ୍ଷ କରାଯାଇପାରିବ ସେ ନେଇ ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି।

**Seba Parba Closing**

# କ୍ୟାବିନେଟ୍

ଦେଶରେ ଡାଲିଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି ଏବଂ ଏ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଆସନ୍ତା ୬ ବର୍ଷ ପର୍ଯ୍ୟନ୍ତ ଡାଲି ଆତ୍ମନିର୍ଭରତା ମିଶନ କାର୍ଯ୍ୟକାରୀ କରିବେ। ଗତକାଲି ଏହି ମିଶନକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛନ୍ତି । ଚଳିତ ଆର୍ଥିକ ବର୍ଷଠାରୁ ୨୦୩୦-୩୧ ପର୍ଯ୍ୟନ୍ତ ଏହି ମିଶନ କାର୍ଯ୍ୟକାରୀ ହେବ । ଏଥିପାଇଁ ୧୧ ହଜାର ୪୪୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଡାଲି ମିଶନ ମାଧ୍ୟମରେ ୨୦୩୦-୩୧ ସୁଦ୍ଧା ଉତ୍ପାଦନକୁ ୩୫୦ ଲକ୍ଷ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ

ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ଯୋଜନାରେ ପ୍ରାୟ ୨ କୋଟି ଚାଷୀ ଲାଭବାନ ହେବେ।

**V/O- Ashwini Baishnab Pulses**

କେନ୍ଦ୍ର ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ନିଷ୍ପତ୍ତି ଅନୁଯାୟୀ ୨୦୨୬-୨୭ ବିପଣନ ଋତୁ ପାଇଁ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଲାଭଦାୟକ ମୂଲ୍ୟ ସୁନିଶ୍ଚିତ କରିବା ଲାଗି ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ, ଗହମ କୁଇଣ୍ଟାଲ ପିଛା ୧୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ଯବ ୧୭୦ ଟଙ୍କା, ଚଣା ୨୨୫ ଟଙ୍କା ଏବଂ ମସୁର ଡାଲିର କୁଇଣ୍ଟାଲ ପିଛା ମୂଲ୍ୟ ୩୦୦ ଟଙ୍କା ବୃଦ୍ଧି ପାଇଛି।

କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ଦେଶରେ ୫ ହଜାର ୮୬୨ କୋଟି ଟଙ୍କା ବ୍ୟୟ ଅଟକଳରେ ୫୭ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବ। ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର ସରକାରଙ୍କ କର୍ମଚାରୀ ସଂଖ୍ୟା ବୃଦ୍ଧି ପାଇଥିବାରୁ ସେମାନଙ୍କ ପିଲାମାନଙ୍କ ଶିକ୍ଷାଗତ ଆବଶ୍ୟକତାକୁ ସହଜ କରିବା ଲାଗି କେନ୍ଦ୍ରୀୟ ବିଦ୍ୟାଳୟ ନଥିବା ଜିଲ୍ଲାଗୁଡ଼ିକରେ ୨୦ଟି, ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ୧୪ଟି, ବାମପନ୍ଥୀ ଉଗ୍ରବାଦୀ ଜିଲ୍ଲାଗୁଡ଼ିକରେ ୪ଟି ଏବଂ ଉତ୍ତର-ପୂର୍ବ ଓ ପାହାଡ଼ିଆ ଅଞ୍ଚଳରେ ୫ଟି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବ। ଏହାଦ୍ୱାରା ୮୭ ହଜାର ଛାତ୍ରଛାତ୍ରୀ

ଉପକୃତ ହେବା ସହ ୪ ହଜାର ୬୦୦ ଅତିରିକ୍ତ ଶିକ୍ଷକ ପଦବୀ ସୃଷ୍ଟି ହେବ। ତେବେ ନୂତନ ଜାତୀୟ ଶିକ୍ଷାନୀତି ପାଇଁ ଆଦର୍ଶ ବିଦ୍ୟାଳୟ ଭାବରେ ପ୍ରଥମଥର ଲାଗି ଏହି ୫୭ଟି କେନ୍ଦ୍ରୀୟ ବିଦ୍ୟାଳୟକୁ ବାଲ୍ ଭାଟିକା ସହିତ ମଞ୍ଜୁର କରାଯାଇଛି।

କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ କେନ୍ଦ୍ର କ୍ୟାବିନେଟ୍’ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଓ ପେନସନଭୋଗୀଙ୍କ ମହଙ୍ଗା ସହାୟତା ୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହା ଦ୍ୱାରା ୪୯ ଲକ୍ଷ ୨୦ ହଜାର କେନ୍ଦ୍ର ସରକାରୀ କର୍ମଚାରୀ ଓ ୬୮ ଲକ୍ଷ ୭୦ ହଜାର ପେନସନଭୋଗୀ ଉପକୃତ ହେବେ। ବର୍ତ୍ତମାନର ୫୫ ପ୍ରତିଶତ ମୂଳବେତନ ଓ ପେନସନ୍ ଉପରେ ୩ ପ୍ରତିଶତ ଅତିରିକ୍ତ ଆକାରରେ ଚଳିତ ବର୍ଷ ଜୁଲାଇ ୧ ତାରିଖରୁ ଏହା ଲାଗୁ ହେବ।

## ଆଇ.ସି.ସି. - ର୍‌ୟାଙ୍କିଙ୍ଗ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବ୍ୟାଟ୍‌ସ୍‌ମ୍ୟାନ ବର୍ଗରେ ଭାରତର ବାମହାତୀ ଓପନର୍ ଅଭିଷେକ ଶର୍ମା ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି । ୨୫ ବର୍ଷୀୟ ଶ୍ରୀ ଶର୍ମା ୯୩୧ ପଏଣ୍ଟ ସହ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଇଂଲଣ୍ଡର ଫିଲ୍ ସଲ୍‌ଟ ଦ୍ୱିତୀୟ ଏବଂ ଭାରତର ତିଳକ ବର୍ମା ତୃତୀୟ ସ୍ଥାନରେ ରହିଛନ୍ତି । ବୋଲିଂ ବର୍ଗରେ ଭାରତର ବରୁଣ ଚକ୍ରବର୍ତ୍ତୀ

ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ଅଲ୍‌ରାଉଣ୍ଡର ବର୍ଗରେ ପାକିସ୍ତାନର ସଇମ୍ ଆୟୁବ୍ ଶୀର୍ଷସ୍ଥାନରେ ପହଞ୍ଚିଛନ୍ତି ।